## ଜିଲ୍ଲା ଉପକୂଳ ଅଂଚଳ ତଦାରଖ କମିଟି, କେନ୍ଦ୍ରାପଡା

## ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ , ଓଡିଶା ସରକାର ଓଡିଶା ଉପକୂଳ . ନିୟନ୍ତ୍ରଣ ଅଂଚଳ ର ଚିଠା ନକ୍ସା ପ୍ରସ୍ତୁତ କରିଅଛନ୍ତି । କେନ୍ଦ୍ରପଡା ଜିଲ୍ଲା ପାଇଁ ଉଦ୍ଦିଷ୍ଟ ଚିଠା ଗୁଡିକ କେନ୍ଦ୍ରପଡା ଜିଲ୍ଲା କାର୍ଯ୍ୟାଳୟରେ ଉପଲବ୍ଧ ଅଛି । ଏହା ସହିତ ବନ ବିଭାଗ ୱେବସାଇଟ http://forest.odisha.gov.in ଏବଂ ଉପକୂଳ ଅଂଚଳ ପରିଚାଳନା ପ୍ରାଧିକାର ପ୍ରାଧିକରଣର ୱେବସାଇଟ http://www.sczmaodisha.org/ ରେ ମଧ୍ୟ ଉପଲବ୍ଧ ଅଛି । ଏହି ଚିଠା ନକ୍ସା ଗୁଡିକ ଚୂଡାନ୍ତ କରିବା ପୂର୍ବରୁ ସର୍ବସାଧାରଣଙ୍କର ମତାମତ ଆହ୍ୱାନ କରାଯାଉଅଛି ।

ଆସନ୍ତା ତା 14.01.2020 ରିଖ ସକାଳ 11.00 ଘଟିକା ସମୟରେ କେନ୍ଦ୍ରପଡା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ସମ୍ବନ୍ଧରେ ଜନଶୁଣାଣୀ କରାଯିବ । ଆଗ୍ରହୀ ବ୍ୟକ୍ତିବିଶେଷ ମାନେ ସେମାନଙ୍କର ମତାମତ ଉକ୍ତ ଜନଶୁଣାଣୀ ରେ ଉପସ୍ଥାନ ଓ ଲିଖିତ ଆକାରରେ ପ୍ରଦାନ କରିପାରିବେ ।

ବନଖଣ୍ଡ ଅଧିକାରୀ, ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟଜୀବ)
ତଥା ସଦଶ୍ୟ ସଚିବ, ଜିଲ୍ଲା ଉପକୂଳ ଅଂଚଳ ତଦାରଖ କମିଟି, ରାଜନଗର

**ଜ୍ଞାପକ ସଂଖ୍ୟା. 142 / ତା 04. 01. 2020 ରିଖ**

ଏହାର ଏକକିତା ନକଲ ଜିଲ୍ଲାପାଳ, କେନ୍ଦ୍ରାପଡାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ବନଖଣ୍ଡ ଅଧିକାରୀ, ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟଜୀବ)
ତଥା ସଦଶ୍ୟ ସଚିବ, ଜିଲ୍ଲା ଉପକୂଳ ଅଂଚଳ ତଦାରଖ କମିଟି, ରାଜନଗର

**ଜ୍ଞାପକ ସଂଖ୍ୟା. 143 / ତା 04.01. 2020 ରିଖ**

୦୧. ଏହାର ଏକକିତା ନକଲ ଜିଲ୍ଲା ଉପକୂଳ ଅଂଚଳ ତଦାରଖ କମିଟି, କେନ୍ଦ୍ରାପଡାର ସମସ୍ତ ସଦଶ୍ୟ ମାନଙ୍କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲାକି ସେମାନେ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହିବେ ।

୦୨. ଏହାର ଏକକିତା ନକଲ ସମସ୍ତ ବନାଞ୍ଚଳ ଅଧିକାରୀ (କୁଜଙ୍ଗ ବନ୍ୟଜୀବ ବନାଞ୍ଚଳ ଅଧିକାରୀ ବ୍ୟତୀତ), ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟଜୀବ) ରାଜନଗର ମାନଙ୍କୁ ନିଜ ବନାଞ୍ଚଳ ଅଧିନରେ ଥିବା ଗ୍ରାମ ମାନଙ୍କରେ ପ୍ରସାର ପାଇଁ ପ୍ରେରଣ କରାଗଲା ।

୦୩. ଏହାର ଏକକିତା ନକଲ ତହସିଲଦାର/ଗୋଷ୍ଠୀଉନ୍ନୟନ ଅଧିକାରୀ, ମହାକାଳପଡା; ତହସିଲଦାର/ଗୋଷ୍ଠୀଉନ୍ନୟନ ଅଧିକାରୀ, ରାଜକନିକା; ତହସିଲଦାର/ଗୋଷ୍ଠୀଉନ୍ନୟନ ଅଧିକାରୀ, ରାଜନଗରଙ୍କୁ ନିଜ ଅଧିନରେ ଥିବା ଗ୍ରାମମାନଙ୍କରେ ପ୍ରସାର ପାଇଁ ପ୍ରେରଣ କରାଗଲା ।

୦୪. ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କେନ୍ଦ୍ରାପଡାଙ୍କୁ ଅବଗତି ତଥା ବ୍ୟାପକ ପ୍ରସାର କରିବା ନିମନ୍ତେ ପ୍ରେରଣ କରାଗଲା ।

୦୫. ଏହାର ଏକକିତା ନକଲ ଜିଲ୍ଲା ରାଷ୍ଟ୍ରୀୟ ସୂଚନା ଅଧିକାରୀ, କେନ୍ଦ୍ରାପଡାଙ୍କୁ ଜିଲ୍ଲା ୱେବସାଇଟରେ ପ୍ରସାର କରିବା ନିମନ୍ତେ ପ୍ରେରଣ କରାଗଲା ।

ବନଖଣ୍ଡ ଅଧିକାରୀ, ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟଜୀବ)
ତଥା ସଦଶ୍ୟ ସଚିବ, ଜିଲ୍ଲା ଉପକୂଳ ଅଂଚଳ ତଦାରଖ କମିଟି, ରାଜନଗର